# Akashvani, Sambalpur

## SAMBALPURI NEWS EVENING BULLETIN

## 30 May 2025- 7.02 pm- 7.12 pm.

**********************************************

୧- ଉଲ୍ଲେଖନୀୟ ସେବାର୍ ଲାଗି ୧୫ ଝନ୍ ସେବିକାଙ୍କୁ ଫ୍ଲୋରେନ୍ସ ନାଇଟିଙ୍ଗିଲ୍ ସମ୍ମାନ୍ ପ୍ରଦାନ୍ କଲେ ରାଷ୍ଟ୍ରପତି ।

୨- ବୁର୍ଲା ଭିମାସର୍ ସୁପରସ୍ପେଶାଲିଟି କୋଠାକେ ଉଦ୍‌ଘାଟନ୍ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ସ୍ୱାସ୍ଥ୍ୟ ଇକୋ ସିଷ୍ଟମ୍‌କେ ବର୍‌କସ୍ କର୍‌ବାର୍‌କେ ଦେଲେ ଜୋର୍ ।

୩- ତିସ୍ତା ନଦୀ ଦୁର୍ଘଟଣାଥି ଆହତ ଓଡ଼ିଆ ଯାତ୍ରୀମାନ୍‌କୁ ଉଦ୍ଧାର୍, ଚିକିତ୍ସା ଆର୍ ଫିରେଇ ଆନ୍‌ବାର୍ ବାବ୍‌ଦେ ସିକିମ୍ ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ କଥା ହେଲେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ବନିଥିବା ଅବପାତ ଲଘୁଚାପ୍ ରୂପ ନେବାର୍ ସମ୍ଭାବନା ।

ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର ଏନ୍‌ଏସ୍‌ଡି

ନର୍ସିଂ ସେବା କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ୧୫ ଝନ୍ ସେବିକାଙ୍କୁ ଜାତୀୟ ଫ୍ଲୋରେନ୍ସ ନାଇଟିଙ୍ଗଲ୍ ପୁରସ୍କାର୍ - ୨୦୨୫ ପ୍ରଦାନ୍ କରାଯାଇଛେ । ରାଷ୍ଟ୍ରପତି ଭବନ୍ ନ ଆଏଜ୍ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସେବିକା ମାନ୍‌କୁ ପୁରସ୍କୃତ୍ କରିଛନ୍ । ସମାରୋହଥି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା, ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ୍ ଆଉ ପ୍ରତାପ୍ ରାଓ ଯାଧବ୍ ଉପସ୍ଥିତ୍ ଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ୧୯୭୩ ମସିହା ନୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତର୍‌ଫୁ ଇ ପୁରସ୍କାର୍ ଦିଆଯାଇଆସୁଛେ ।

ନିଟ୍ ପିଜି ଏନ୍‌ଏସ୍‌ଡି

ଜାତୀୟ ପରୀକ୍ଷା ସଂସ୍ଥା-ଏନ୍‌ଟିଏ ପରିଚାଳିତ୍ ନିଟ୍ ପିଜି ପରୀକ୍ଷାକେ ଗୁଟେ ସିଟିଂଥି କର୍‌ବାର୍‌କେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ । ଇ ବାବଦ୍ ଗୁଟେ ମାମଲାର ଶୁଣାଣି କରି କରି ଦୁଇଟା ସିଟିଂଥି ହେଉଥିବା ପରୀକ୍ଷାକେ ସୁପ୍ରିମକୋର୍ଟ ଭୁଲ୍ ଦର୍ଶାବାର୍ ସହେତେ ଏନ୍‌ବିଟିର୍

ଆବେଦନ୍‌କେ ଅଗ୍ରାହ୍ୟ କରିଛନ୍ । ଛାତ୍ରଛାତ୍ରୀମାନଙ୍କୁ ସମାନ୍ ପରିବେଶ୍‌ର ସୁଯୋଗ୍ ମିଲ୍‌ବାର୍ ଉଚିତ୍ ବଲି ସୁପ୍ରିମକୋର୍ଟ କହିଛନ୍ । ସୂଚ୍‌ନା ଅନ୍‌ସାରେ ଆଗୋନୁ ଧାରିଜ୍ ସମିଆ ଜୁନ୍ ୧୫ ତାରିଖ୍ ନିଟ୍ ପିଜି ପରୀକ୍ଷା ହେବା ବଲି ଜନାପଡ଼ିଛେ ।

ସୁପର୍ ସ୍ପେଶାଲିଟି କୋଠା-ଉଦ୍‌ଘାଟନ୍   ସମ୍ବଲପୁର

ସମ୍ବାଦଦାତା

ସମ୍ବଲପୁର୍ ଜିଲ୍ଲାର୍ ବୁର୍ଲା ଭିମସାର୍‌ର ସୁପର୍ ସ୍ପେଶାଲିଟି କୋଠାକେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଉ ସମ୍ବଲପୁର ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ଲୋକାର୍ପଣ୍ କରିଛନ୍ । ଇ ଅବ୍‌ସରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଡାକ୍ତରୀ ସେବାକେ ସର୍‌କାର୍ ଅଏତ୍‌କା ଧ୍ୟାନ୍ ଦେବାର୍ ସହେତେ ସ୍ୱାସ୍ଥ୍ୟ ଇକୋ ସିଷ୍ଟମ୍‌କେ ବର୍‌କସ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଛନ୍ ।

ଶହେ ୫୦ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହେଇଥିବା ଇ କୋଠା ଉଦ୍‌ଘାଟନ୍ ହେଲା ଉତ୍‌ରୁ ପଶ୍ଚିମ ଓଡ଼ିଶା ନ ରୋଗୀ ସେବା କ୍ଷେତ୍ରଥି ବରଦାନ ସାଜ୍‌ବା । ଇ କୋଠାନୁ ରୋଗୀମାନେ ଅତ୍ୟାଧୁନିକ୍ ଚିକିତ୍ସା ସୁବିଧା ପାଇପାର୍‌ବେ । ଇଥି ପ୍ଲାଷ୍ଟିକ୍ ସର୍ଜରୀ, ପେଡ଼ିଆଟ୍ରିକ୍ ସର୍ଜରୀ,

ହେମାଟୋଲୋଜି, ଏଂଡ୍ରୋକ୍ରାଇନୋଲୋଜି, ଗେଷ୍ଟ୍ରୋ ଏଣ୍ଟୋଲୋଜି ବିଭାଗ୍ ସହେତେ ୮୫ ଟା ଆଇସିୟୁ ବେଡ୍, ଅତ୍ୟାଧୁନିକ୍ ଏମ୍ଆର୍ଆଇ ମିସିନ୍, ସିଟି ସ୍କେନ୍ ବାଗିର୍ ବ୍ୟବସ୍ଥା ରହିଛେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ଶ୍ରୀ ପ୍ରଧାନ୍‌ଙ୍କର୍ ସହେତେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ଗ୍ରାମ୍ୟ ଉନ୍ନୟନ୍ ଆଉ ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ସିକ୍କିମ୍ ଦୁର୍ଘଟଣା ସିଏମ୍‌ଓ

ସିକ୍କିମ୍‌ର ତିସ୍ତା ନଦୀଠାନେ ପର୍ଯ୍ୟଟକମାନଙ୍କର ଗାଡ଼ି ଦୁର୍ଘଟଣା ହେଇକରି ପଡ଼ିଯିବାର୍‌ନୁ କେତେଝନ୍ ଓଡ଼ିଆ ଯାତ୍ରୀ ନିଖୋଜ୍ ହେଇଛନ୍ । ଓଡ଼ିଆ ଯାତ୍ରୀମାନଙ୍କର ଉଦ୍ଧାର, ଚିକିତ୍ସା ଆଉ ସେମାନଙ୍କୁ ସୁରକ୍ଷିତ ଫିରେଇ ଆନ୍‌ବାର ଲାଗି ରାଜ୍ୟ ପରିବହନ ବିଭାଗର୍ ଅତିରିକ୍ତ କମିଶନର ଆଉ ଯୁଗ୍ମ କମିଶନରଙ୍କର ସହେତେ ଗୁଟେ ଖାସ୍ ଦଲ୍ ସିକ୍କିମ୍ ଯାଇଛନ୍ । ଘଟ୍‌ନାକେ ନେଇକରି ସିକ୍କିମ୍ ସରକାରଙ୍କର ସହେତେ ରାଜ୍ୟ ସରକାର ଯୋଗାଯୋଗଥି ଅଛନ୍ । ସେଆଡ଼େ ଦୁର୍ଘଟନା ଖବର ପାଇକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ୍ ପ୍ରକାଶ୍ କରିଛନ୍ ।

ସୂଚ୍‌ନା ଅନ୍‌ସାରେ ଗଲାରାତି ୧୧ ଝନ୍ ପର୍ଯ୍ୟଟକଙ୍କର୍ ସହେତେ ଗୁଟେ ଗାଡ଼ି ଗେଙ୍ଗଟକ୍ ଆଡ଼କେ ଯାଉଥିବା ବେଲ୍‌କେ ଚୁଙ୍ଗ୍‌ଥାଙ୍ଗ୍‌-ମୁନ୍‌ସିଥାଙ୍ଗ୍‌ଠାନେ ଦୁର୍ଘଟଣାଗ୍ରସ୍ତ ହେଇଥିଲା ।

ମୁଖ୍ୟମନ୍ତ୍ରୀ ଷଷ୍ଠୀ ବାର୍ତା ସିଏମ୍‌ଓ /ଏକ୍ସ

ପବିତ୍ର ଶୀତଳ ଷଷ୍ଠୀ ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଭିଡିଓ ବାର୍ତା ଜରିଏ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଦେବ ଦେବ ମହାଦେବ ଆଉ ମାତା ପାର୍ବତୀଙ୍କର ଅପାର୍ କୃପାନୁ ସମ୍‌କର ଜୀବନ୍ କଲ୍ୟାଣମୟ ହେବାର୍ ସହେତେ ସୁଖ ସମୃଦ୍ଧି ଭରିହେଉ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।
(ଭଏସ୍ ଓଭର୍‌-ମୁଖ୍ୟମନ୍ତ୍ରୀ)

ଶୀତଲ୍‌ଷଷ୍ଠୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାର୍ ଲାଗି ସମ୍ବଲ୍‌ପୁର୍ ସହର୍ ଗଜ୍‌ଗଜେଇ ଯାଉଛେ । ଆଏଜ୍ ରାତି ଶ୍ରୀ ଶ୍ରୀ ଲୋକ୍‌ନାଥ ବାବା, ଶ୍ରୀ ଶ୍ରୀ ଜାଗେଶ୍ୱର୍ ବାବା ଆର୍ ସହରର୍ ଅଲ୍‌ଗା ଅଲ୍‌ଗା ଶିବମନ୍ଦିର୍ ମାନ୍‌କର୍ ମହାଦେବଙ୍କର୍ ବିହା ଲାଗି ହନୁମାନ୍ ନିଉତା ଯାତ୍ରା ହେଉଛେ ।

ଆଏବା କାଏଲ୍ ରାତି ସବୁ ଶିବ ମନ୍ଦିର୍‌ର ଦେବଦେବ ମହାଦେବ ବରାତି ବାହାରିବେ । ବ୍ରାହ୍ମମୁହୁର୍ତ ନ କନ୍ୟାମାତାପିତାଙ୍କର୍ ଜାଗାଥି ଦେବଦେବ ମହାଦେବ ଆର୍ ଜଗତ୍‌ଜନନୀ ମାତା ପାର୍ବତୀଙ୍କର୍ ଲୌକିକ ବିହାଘର୍ ହେବା । ପର୍‌ଦିନ ଅଧରାତିନୁ ଦେବଦମ୍ପତିଙ୍କର୍ ନଗର୍ ପରିକ୍ରମା ଯାତ୍ରା ବାହାରିକରି ତାର୍ ଆରଦିନ ଉପର୍‌ବେଲା ଦେବଦମ୍ପତି ନିଜର୍ ନିଜର୍ ମନ୍ଦିର୍‌କେ ଫିର୍‌ବେ ।

ଓଟିଇଟି ସ୍ୱତନ୍ତ୍ର ପରୀକ୍ଷା        ଆର୍‌ଏନ୍‌ୟୁ/ କଟକ

ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଲାଗି ହେଉଥିବା ଓଟିଇଟି ସ୍ୱତନ୍ତ୍ର ପରୀକ୍ଷା ଆଏବା ଜୁଲାଇ ୨୦ ତାରିଖ୍ ହେବା । ପହେଲା ସିଟିଂ ସଖାଲର୍ ୯ ବଜେନୁ ସାଢ଼େ ୧୧ ବଜେତକ୍ ଆଉ ଦୁଇ ନମ୍ବର ସିଟିଂ ମଏଧାନର୍ ୨ ବଜେନୁ ସାଢ଼େ ୪ ବଜେତକ୍ ହେବା ।

ରାଜସ୍ୱ ବିଭାଗ୍ ସମୀକ୍ଷା ବୈଠକ୍         ସମ୍ବଲପୁର

ସମ୍ବାଦଦାତା

ରାଏଜେ ମୌସୁମୀ ବର୍ଷା ସମିଆଥି ଦେଖାଦେଉଥିବା ସମସ୍ୟାର୍ ମୁକାବିଲା କର୍ବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍ଫୁ ଆଏଜ୍ ପ୍ରାକ୍ ମୌସୁମୀ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ସମ୍ବଲପୁର୍ ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ଠାନୁ ଆଭାସୀ ଜରିଏ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୈଠକ୍ଥି ଯୋଗ୍ ଦେଇକରି ପ୍ରାକୃତିକ ବିପର୍ଯ୍ୟୟ, କାଲ୍ବୈଶାଖୀର୍ ତାଣ୍ଡବ, ମୌସୁମୀ ବର୍ଷା ପବନ୍ଥି ଫସଲ୍ ନୁକ୍ସାନ୍ର ତୁର୍ତି ଆକଲନ୍ କରିକରି ରିପୋର୍ଟ ଦେବାର୍କେ ଜିଲ୍ଲାପାଲ୍ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କର୍ ସହେତେ ଜିଲ୍ଲାପାଲ୍ମାନେ ଆଭାସୀ ଜରିଏ ସାମିଲ୍ ହେଇଥିଲେ ।

ପୋଷ୍ୟସନ୍ତାନ ସମ୍ମିଳନୀ      I&PR

କେନ୍ଦ୍ର ଶିଶୁବିକାଶ୍ ମନ୍ତ୍ରଣାଳୟର୍ ସହଯୋଗ୍ଥି ରାଜ୍ୟ ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ତର୍ଫୁ ପୁରୀ ଠାନେ ଆଏଜ୍ ୨ ଦିନିଆ ପୋଷ୍ୟ ସନ୍ତାନ ଗ୍ରହଣ ସମ୍ମିଳନୀ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଛୁଆମାନ୍କର୍ ବିକାଶ୍ ଲାଗି

ସ୍ନେହ, ସୁରକ୍ଷିତ ଆର୍ ପୋଷଣ୍ ଭରା ପାରିବାରିକ୍ ପରିବେଶ୍‌ର ଦର୍‌କାର୍ ଆଏ ବଲି କହିଛନ୍ ।

ଶିକ୍ଷକ ଅନ୍‌ଲାଇନ୍ ବଦ୍‌ଲି କେଲେଣ୍ଡର   ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରାଥମିକ ଶିକ୍ଷକ୍‌ମାନ୍‌କର୍ ଅନ୍‌ଲାଇନ୍ ବଦ୍‌ଲି କେଲେଣ୍ଡର୍‌କେ ସର୍‌କାର୍ ବଦ୍‌ଲେଇଛନ୍ । ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ବଦ୍‌ଲି ଲାଗି ଇଚ୍ଛୁକ୍ ଶିକ୍ଷକ୍‌ମାନେ ଜୁନ୍ ୬ ତାରିଖ୍ ଭିତ୍‌ରେ ଆବେଦନ୍ କରିପାର୍‌ବେ । ସବୁ ପ୍ରକାରର୍ ସର୍‌କାରୀ ପ୍ରକ୍ରିୟା ସର୍‌ଲା ଉତ୍‌ରୁ ଜୁଲାଇ ୭ ଆଉ ୯ ତାରିଖ୍ ଭିତ୍‌ରେ ବଦ୍‌ଲି ଆବେଦନ୍‌ର ଚଏସ୍ ଲକିଂ ଆଉ ୧୮ ତାରିଖ୍ ତାଲିକା ବାହାର୍ କରାଯିବା ।

ଜିଲ୍ଲା ପ୍ରଶାସନ୍‌ର ଜନଶୁଣାଣି      ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ପାଖର୍ ମାନେଶ୍ୱର୍ ଠାନେ ଆଏବା ୩ ତାରିଖ୍ ହେବାର୍‌କେ ଥିବା ଜିଲ୍ଲା ପ୍ରଶାସନ୍‌ର ଜନଶୁଣାଣି ଲାଗି ଆଏଜ୍ ଦିନର୍ ୧୧ ବଜେନୁ ପଞ୍ଜିକରଣ୍ ପ୍ରକ୍ରିୟା ମୁଲ୍

ହେଇଛେ । ଇଟା ଆଏବା କାଏଲ୍ ବେଲ୍‌ବୁଡ଼ର୍ ସାଢ଼େ ୫ ବଜେତକ୍ ଚାଲ୍‌ବା । ଇତାର୍ ଜରିଏ ପଞ୍ଜିକୃତ ଲୁକେ ସ୍ୱୀକାର୍ ପତ୍ର ସଙ୍ଗେ ବ୍ୟକ୍ତିଗତ ପରିଚୟ ପତ୍ର ଆଉ ଅଭିଯୋଗ୍ ଧରିକରି ଧାରିଜ୍ ଜାଗାକେ ଆସ୍‌ବାର୍‌କେ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶିଶୁ ସୁରକ୍ଷା -କର୍ମଶାଳା କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଶିଶୁ ସୁରକ୍ଷା ବାବଦ୍ ଗୁଟେ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ଜିଲ୍ଲା ସମାଜ୍ କଲ୍ୟାଣ୍ ଅଧିକାରୀ ଆଉ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନେ ଯୋଗ୍ ଦେଇକରି ମିଶନ୍ ବାତ୍ସଲ୍ୟକେ ତୁର୍‌ତି କର୍‌ବାର୍ ଲାଗି ଶିଶୁ ସୁରକ୍ଷା ସମ୍ପର୍କିତ ଯୋଜନା ବାବ୍‌ଦେ ଆଲୋଚନା କରିଥିଲେ ।

ଆକାଶବାଣୀ ଅଧିକାରୀ ଅବସର ଆର୍‌ଏନ୍‌ୟୁ/ ସମ୍ବଲପୁର

ଆକାଶବାଣୀ, ସମ୍ବଲପୁର କେନ୍ଦ୍ରର ବରିଷ୍ଠ ଟେକ୍ନିସିଆନ୍ ହିମାଂଶୁ କୁମାର୍ ପାଢ଼ୀ ଆଉ ଏମ୍‌ଟିଏସ୍ ଲମ୍ବୋଦର ବୁଦୁଲା ଆଏଜ୍ ଚାକିରୀ ନୁ ଅବସର ନେଇଛନ୍ । ଶ୍ରୀ ପାଢ଼ୀ ୧୯୯୦ ସାଲୁ

ଝାର୍ସୁଗୁଡ଼ା ଏଲ୍‌ପିଟିନୁ ତାଙ୍କର୍ ଚାକିରୀ ଜୀବନ୍ ଆରମ୍ଭ କରିଥିବାର୍ ବେଲେ ଶ୍ରୀ ବୁଦୁଲା ୧୯୮୮ ସାଲେ ଆକାଶ୍‌ବାଣୀ ସମ୍ବଲ୍‌ପୁର୍ କେନ୍ଦ୍ର ନ ଚାକିରୀ ଆରମ୍ଭ କରିଥିଲେ । ଆଏଜ୍ ଆକାଶ୍‌ବାଣୀ ରିକ୍ରିଏସନ୍ କ୍ଲବ୍ ତର୍ଫୁ ସମ୍ବଲ୍‌ପୁର୍ କେନ୍ଦ୍ର ନ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ଇଥି କେନ୍ଦ୍ରର୍ ଅଭିଯାନ୍ତ୍ରିକି ମୁଖ୍ୟ ସୁବୋଧ୍ କୁମାର୍ ପାଲ୍ ଆଉ କାର୍ଯ୍ୟକ୍ରମ ମୁଖ୍ୟ ମନୀଷ ଭଟ୍ଟାଚାର୍ଯ୍ୟୀ ଉପସ୍ଥିତ୍ ଥିଲେ । ସଭାକେ ରିକ୍ରିଏସନ୍ କ୍ଲବ୍‌ର ସମ୍ପାଦକ କ୍ଷେତ୍ରମଣି ବିଭାର୍ ପରିଚାଲନା କରିଥିଲେ ।

ସଡ଼କ ସୁରକ୍ଷା ବୈଠକ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ଆମ ବସ୍‌ଷ୍ଟାଣ୍ଡ ନୋଡ଼ାଲ୍ କମିଟି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ମୁଖ୍ୟ ଉନ୍ନୟନ୍ ଅଧିକାରୀ, ଉପଜିଲ୍ଲାପାଲ, ସିଡିଏମ୍‌ଓ ଆର୍ ଅଧିକାରୀମାନେ ଯୋଗ୍ ଦେଇକରି ଜିଲ୍ଲା ନ ଦୁର୍ଘଟଣା ରୁକ୍‌ବାର୍ ଦିଗେ ପଦକ୍ଷେପ୍ ନେବାର୍‌କେ ଆଲୋଚନା କରିଥିଲେ ।

ବିକଶିତ୍ କୃଷି ସଂକଳ୍ପ ଅଭିଯାନ     ସୁବର୍ଣ୍ଣପୁର୍  ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲାର୍ ବୀରମହାରାଜ୍‌ପୁର୍, ବିନ୍‌କା ଆର୍ ସଦର୍ ବ୍ଲକ୍ ନ ଆଏଜ୍ ବିକଶିତ୍ କୃଷି ସଂକଳ୍ପ ଅଭିଯାନ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ବୈଜ୍ଞାନିକମାନ୍‌କର୍ ସଙ୍ଗେ ସିଧାସଲଖ୍ ଚାଷୀମାନେ ଚାଷ୍‌ବାସ୍ ସମସ୍ୟା ବାବ୍‌ଦେ ଆଲୋଚନା କରିଛନ୍ ।

ସିଏମ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଂଟ୍   ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ସିଏମ୍ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ସଖାଲ୍‌ବେଲା ସମ୍ବଲ୍‌ପୁର୍ ଆଉ ଝାର୍‌ସୁଗୁଡ଼ା ଦଲ୍ ଭିତ୍‌ରେ ମେଚ୍ ହେଇଥିଲା । ଇଥି ସମ୍ବଲ୍‌ପୁର୍ ଦଲ୍ ୨-୧ ଗୋଲ୍‌ଥି ଜିତିଛେ । ସେନ୍ତା ସଞ୍ଜ୍‌ବେଲେ ବଲାଙ୍ଗିର୍ ଆଉ ନୂଆପଡ଼ା ଭିତ୍‌ରେ ମେଚ୍ ଚାଲିଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ହେଇଥିବା ଗଭୀର ଅବପାତ ଦୁର୍ବଲ୍ ହେଇକରି ଲଘୁଚାପ୍ ହେଇଛେ । ଇଟା ଉତର୍ ଆଉ ଉତର୍ ପୂର୍ବ ଦିଗ୍‌କେ ଗତି କରୁଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଉତର୍‌ପୂର୍ବ ଇଲାକା ନ ଜବର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୧୦ ଟା ଜିଲ୍ଲାକେ ଜବର୍ ବର୍ଷା ନେଇକରି ପାଣିପାଗ୍ କେନ୍ଦ୍ର ସତର୍କ କରିଛେ ।